# Akashvani, Sambalpur

## SAMBALPURI NEWS EVENING BULLETIN

## 16 April 2024- 7.02 pm- 7.12 pm.

*********************************************

୧- ଚଇତ୍ ନବରାତ୍ରୀର ମହାଷ୍ଟମୀ ଅବ୍‌ସରେ ଦେଶ୍‌ବାସୀଙ୍କୁ ଶୁଭେଚ୍ଛା ଜନେଇଛନ୍ ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ।

୨- ଭାରତୀୟ ଜନତା ପାର୍ଟି ରାଜ୍ୟର୍ ୨୧ଟା ବିଧାନ୍‌ସଭା ଆସନ୍ ଲାଗି ଘୋଷ୍‌ନା କଲା ପ୍ରାର୍ଥୀ ।

୩- ସାଧାରଣ ନିର୍ବାଚନ୍ ଲାଗି ଆଦର୍ଶ ଆଚରଣ ବିଧି ଲାଗୁ ହେବାର୍ ପୁର୍‌ଲା ମାସେ ।

- ଶହେ ୬୯ ଅଭିଯୋଗ୍ ଉପ୍‌ରେ ହେଇଛେ କାର୍ଯ୍ୟାନୁଷ୍ଠାନ୍ ।

ଆଉର୍

୪- ବାହାର୍‌ଲା ସିଭିଲ୍ ସର୍ଭିସ୍ ମେନ୍- ୨୦୨୩ ର ପରୀକ୍ଷାଫଲ୍ ।

- ୨ ନମ୍ବର୍ ଠାନେ ରହିଛନ୍ ଓଡ଼ିଶାର୍ ଅନିମେଷ ପ୍ରଧାନ୍ ।

ମହାଷ୍ଟମୀ ଶୁଭେଚ୍ଛା       ଆର୍ଏନ୍ୟୁ/ କଟକ୍

ଆଏଜ୍ ଚୈତ୍ ନବରାତ୍ରୀର ମହାଷ୍ଟମୀ । ଇ ଅବ୍ସରେ ପ୍ରଧାନ୍ମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶ୍ବାସୀଙ୍କୁ ଶୁଭେଚ୍ଛା ଜନେଇଛନ୍ । ସାମାଜିକ ଗଣମାଧ୍ୟମ୍ ଏକ୍ସ୍ଥି ଗୁଟେ ବାର୍ତା ଦେଇକରି ପ୍ରଧାନ୍ମନ୍ତ୍ରୀ କହିଛନ୍ ଯେ, ଦୁର୍ଗାଅଷ୍ଟମୀର୍ ଅଭିଷ୍ଟ ଦେବୀ ମା' ମହାଗୌରୀ ସମ୍କର୍ ଜୀବନ୍ଥି ସୁଖ ଶାନ୍ତି ଆର୍ ସମୃଦ୍ଧି ଦଉନ୍ । ପବିତ୍ର ମହାଷ୍ଟମୀଥି ରାଜ୍ୟବାସୀଙ୍କୁ ଶୁଭେଚ୍ଛା ଜନାବାର୍ ସହେତେ ରାଜ୍ୟପାଲ୍ ରଘୁବର୍ ଦାସ ମା'ଙ୍କର ପାଖେ ରାଜ୍ୟର୍ ଲୁକ୍କର୍ ସୁଖ ସମୃଦ୍ଧି କାମନା କରିଛନ୍ । ପବିତ୍ର ଅଶୋକାଷ୍ଟମୀ ଆଉ ମହାପ୍ରଭୁ ଲିଙ୍ଗରାଜଙ୍କର୍ ରୁକୁଣା ରଥଯାତ୍ରା ଅବ୍ସରେ ମୁଖ୍ୟମନ୍ତ୍ରୀ ନବୀନ୍ ପଟ୍ଟନାୟକ୍ ଶୁଭକାମନା ଜନେଇକରି ମହାଦେବଙ୍କର୍ ଆଶିର୍ବାଦ୍ ସମ୍କର୍ ଉପ୍ରେ ରହୁ ଆର୍ ସମ୍କର୍ ଜୀବନ୍ ସୁଖ୍ ସମୃଦ୍ଧିଥି ଭରିଯାଉ ବଲି କହିଛନ୍ । କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ପବିତ୍ର ଅଶୋକାଷ୍ଟମୀ ଆର୍ ମହାପ୍ରଭୁ ଲିଙ୍ଗରାଜଙ୍କର୍ ରୁକୁଣା ରଥଯାତ୍ରା ଅବ୍ସରେ ସମ୍କର୍ କଲ୍ୟାଣ୍ କାମନା କରିଛନ୍ ।

ବିଜେପି ବିଧାନ୍ସଭା ପ୍ରାର୍ଥୀ ତାଲିକା

ଆର୍ଏନ୍ୟୁ/ କଟକ୍

ଆଏବା ସାଧାରଣ ନିର୍ବାଚନ୍ ଲାଗି ଭାରତୀୟ ଜନତା ପାର୍ଟି ୨ ନମ୍ବର୍ ଖେପ୍‌ଥି ୨୧ ଝନ୍ ବିଧାନ୍‌ସଭା ପ୍ରାର୍ଥୀଙ୍କର୍ ନାଁ ଘୋଷ୍‌ନା କରିଛେ । ପ୍ରମୁଖ ପ୍ରାର୍ଥୀମାନ୍‌କର୍ ଭିତ୍‌ରେ ରାଉର୍‌କେଲା ବିଧାନ୍‌ସଭା ଆସନ୍ ଲାଗି ଆଘର୍ କେନ୍ଦ୍ରମନ୍ତ୍ରୀ ଦିଲ୍ଲୀପ୍ ରାୟଙ୍କୁ ବିଜେପି ପ୍ରାର୍ଥୀ କରିଥିବାର୍ ବେଲେ ଲକ୍ଷ୍ମୀପୁର୍‌ନୁ କୈଲାସ କୁଲେସିକା, ଜଗତ୍‌ସିଂହପୁର୍ ନୁ ଅମରେନ୍ଦ୍ର ଦାସ ଦଲୀୟ ପ୍ରାର୍ଥୀ ହେଇଛନ୍ । ଇଥି ଆଘୋନୁ ଦଲ୍ ତର୍‌ଫୁ ଘୋଷ୍‌ନା ହେଇଥିବା ୨ ଝନ୍ ପ୍ରାର୍ଥୀଙ୍କର୍ ନାଁ ବଦ୍‌ଲାଯାଇଛେ । ରଣପୁର୍ ନୁ ତାପସ୍ ରଞ୍ଜନ୍ ମାର୍ଥୀଙ୍କର ବଦ୍‌ଲା ସୁରମା ପାଢ଼ୀ ଆର୍ ପଟାଙ୍ଗୀ ନୁ ଚୈତନ୍ୟ ହନ୍ତାଳ ଙ୍କର୍ ବଦ୍‌ଲା ଚୈତନ୍ୟ ନନ୍ଦିବାଲିଙ୍କୁ ଟିକେଟ୍ ଦିଆଯାଇଛେ । ଦଲ୍ ତର୍‌ଫୁ ୨ ଟା ଖେପେ ଏଛେନ୍‌ତକ୍ ଶହେ ୩୧ ଟା ବିଧାନ୍‌ସଭା ଆସନ୍ ଲାଗି ପ୍ରାର୍ଥୀ ମାନ୍‌କର୍ ନାଁ ଘୋଷ୍‌ନା କରାଯାଇଛେ ।

ଆଦର୍ଶ ଆଚରଣ ବିଧି ଆର୍‌ଏନ୍‌ୟୁ/ସମ୍ବଲ୍‌ପୁର୍

ଚଲ୍‌ତି ସାଧାରଣ ନିର୍ବାଚନ ଲାଗି ଦେଶେ ଆଦର୍ଶ ଆଚରଣ ବିଧି ଲାଗୁ ହେବାର୍ ଆଏଜ୍ ମାସେ ପୂରା ହେଇଛେ ।

ଇ ସମିଆ ଭିତ୍ରେ ଭିନ୍ ଭିନ୍ ରାଜନୈତିକ ଦଲ୍ ଆର୍ ପ୍ରାର୍ଥୀମାନେ ଆଦର୍ଶ ଆଚରଣ ବିଧି ଉଲ୍ଲଙ୍ଘନ୍ ବାବ୍ଦର୍ ୨ ଶହ ଟା ଅଭିଯୋଗପତ୍ର ନିର୍ବାଚନ ଆୟୋଗଙ୍କର୍ ନ ଦାଖଲ୍ କରିଛନ୍ । ଇତାର୍‌ଭିତ୍‌ରୁ ଶହେ ୬୯ଟା ଅଭିଯୋଗ୍ ଉପ୍‌ରେ କାର୍ଯ୍ୟାନୁଷ୍ଠାନ ନିଆଯାଇଛେ ବଲି ନିର୍ବାଚନ ଆୟୋଗ କହିଛନ୍ । ଆୟୋଗ ଆହୁରି କହିଛନ୍ ଯେ, ଆଦର୍ଶ ଆଚରଣ ବିଧି ଉଲ୍ଲଙ୍ଘନ ବାବ୍‌ଦେ ଭାରତୀୟ ଜନତା ପାର୍ଟି ତରଫୁ ୫୧ଟା ଅଭିଯୋଗ୍ ଦାଖଲ୍ କରାଯାଇଛେ । ସେନ୍ତା କଂଗ୍ରେସ୍ ତରଫୁ ୫୯ଟା ଆର୍ ଅଲ୍‌ଗା ରାଜନୈତିକ ଦଲମାନକର୍ ତର୍‌ଫୁ ୯୦ଟା ଅଭିଯୋଗ୍ ଦାଖଲ୍ ହେଇଛେ ।

ଗଲା ମାର୍ଚ୍ଚ ମାସର୍ ୧୬ ତାରିଖ ଦିନ ନିର୍ବାଚନ୍ ଘୋଷଣା ହେଲା ଉତ୍‌ରୁ ଦେଶେ ଆଦର୍ଶ ଆଚରଣ ବିଧି ଲାଗୁ ହେଇଛେ । ଭିନ୍ ଭିନ୍ ରାଜନୈତିକ ଦଲ୍ ଆଦର୍ଶ ଆଚରଣ ବିଧିକେ ଠିକ୍ ଭାବେ ପାଲନ କରୁଛନ୍ ବଲି ନିର୍ବାଚନ୍ ଆୟୋଗ ସନ୍ତୋଷ୍ ପ୍ରକାଶ୍ କରିଛନ୍ । ଇତାର୍‌ସହେତେ ମହିଳାମାନ୍‌କର୍ ବିରୋଧିଥି ଅପମାନଜନକ ଆର୍ ଆପତିଜନକ ମନ୍ତବ୍ୟ ଦେଇଥିବା ନେତାମାନକୁ ଆୟୋଗ୍ ନୋଟିସ୍ ଜାରି କରିକରି ମହିଳାମାନ୍‌କର୍ ସମ୍ମାନ ଆର୍ ଗାରିମା ପ୍ରସଙ୍ଗଥି କଡ଼ା ଆଭିମୁଖ୍ୟ ଗ୍ରହଣ କରିଛନ୍ ।

ରଥଯାତ୍ରା ବୈଠକ୍ ପ୍ରେସ୍ ରିଲିଜ୍

ଶ୍ରୀକ୍ଷେତ୍ର ପୁରୀର ବିଶ୍ୱପ୍ରସିଦ୍ଧ ରଥଯାତ୍ରାକେ ନେଇକରି ଆଏଜ୍ ପୁରୀ ସର୍କିଟ୍ ହାଉସ୍ ସମ୍ମିଲନୀ କକ୍ଷ ନ ୨ ନମ୍ବର୍ ପ୍ରସ୍ତୁତି ବୈଠକ୍ ଜିଲ୍ଲାପାଲ୍ଙ୍କର୍ ଅଧ୍ୟକ୍ଷତାଥି ହେଇଯାଇଛେ । ଧାରିଜ୍ ସମିଆଥି ରଥ ବନା, ରଥଯାତ୍ରା ଦିନ ଠିକ୍ ସମିଆଥି ମାହାପୁରୁମାନ୍କର୍ ପହଣ୍ଡି, ରଥଘିଚା, ଆଇନ୍ଶୃଙ୍ଖଲା, ମହାପ୍ରସାଦ ବ୍ୟବସ୍ଥା, ବାହୁଡ଼ା, ସୁନାବେଶ, ନିଳାଦ୍ରୀ ବିଜେ ବାଗିର୍ ପ୍ରସଙ୍ଗ ଉପ୍ରେ ଆଝିର୍ ବୈଠକ୍ଥି ଆଲୋଚନା ହେଇଥିଲା । ଆଏବା ୧୦ ତାରିଖ୍ ଅକ୍ଷୟତୃତୀୟାନୁ ରଥ ଅନୁକୂଳ, ଜୁନ୍ ୨୨ ତାରିଖ୍ ଦେବସ୍ନାନ ପୂର୍ଣ୍ଣିମା, ଜୁଲାଇ ୭ ତାରିଖ୍ ଶ୍ରୀଗୁଣ୍ଡିଚା, ୧୫ ତାରିଖ୍ ବାହୁଡ଼ା ଯାତ୍ରା, ୧୭ ତାରିଖ୍ ସୁନାବେଶ ଆଉ ୧୮ ତାରିଖ୍ ଦିନ ଅଧରପଣା ନୀତି ହେବା ବଲି ବୈଠକ୍ନୁ ସୂଚ୍ନା ମିଲିଛେ । ସେନ୍ତା ରଥ ତିଆରି ଲାଗି ୮ ଶହ ୬୫ ଖୁଁଡ଼୍ କାଠ୍ର ଦର୍କାର୍ ଥିଲା ବେଲେ ଗଲାବଛର୍ ୫୩ ଖୁଁଡ଼୍ କାଠ୍ ଅଗ୍ଲିଛେ । ରଥ୍ ତିଆରି ଲାଗି ଆଉ ୮ ଶହ ୧୨ ଖୁଁଡ଼୍ କାଠ୍ର ଦର୍କାର୍ ଅଛେ ବଲି ଜଙ୍ଗଲ୍ ବିଭାଗ୍କେ ସୂଚ୍ନା ଦିଆଯାଇଛେ । ରଥଯାତ୍ରା ସମିଆଥି ଲକ୍ଷାଧିକ ଭକ୍ତଙ୍କର୍ ସମାଗମ୍କେ ନଜର୍ଥି ରଖିକରି ପୁଲିସ୍ ପ୍ରଶାସନ୍

ତର୍ଫୁ ସବୁ ପ୍ରକାର୍ ପ୍ରସ୍ତୁତି ମୁଲ୍ ହେଇଛେ ବଲି ବୈଠକ୍ଥି ପୁରୀ ଏସ୍.ପି. ସୂଚ୍ନା ଦେଇଛନ୍ ।

ସିଭିଲ୍ ସର୍ଭିସ୍-୨୦୨୩ ପରୀକ୍ଷା ଫଲ୍ ଆର୍ଏନ୍ୟୁ/ କଟକ୍

କେନ୍ଦ୍ରୀୟ ଲୋକସେବା ଆୟୋଗ୍- ୟୁପିଏସ୍ସି ଦ୍ୱାରା ପରିଚାଲିତ୍- ୨୦୨୩ ପ୍ରଶାସନିକ ସେବା ମୁଖ୍ୟ ପରୀକ୍ଷା ଫଲ୍ ଆଏଜ୍ ବାହାରିଛେ । ଇଥି ୧ ହଜାର୍ ୧୬ ଝନ୍ ପରୀକ୍ଷାର୍ଥୀ ସଫଲ୍ ହେଇଛନ୍ । ତାଲିକାର୍ ପହେଲା ୧୦ ଝନ୍କର୍ ଭିତ୍ରେ ଆଦିତ୍ୟ ଶ୍ରୀବାସ୍ତବ୍ ପହେଲା ଠାନ୍ ପାଇଥିବାର୍ ବେଲେ ଓଡ଼ିଶାର୍ ଅନିମେଷ୍ ପ୍ରଧାନ୍ ୨ ନମ୍ବର୍ ଠାନ୍ ପାଇଛନ୍ । ସେନ୍ତା ଦୋନୁରୁ ଅନନ୍ୟା ରେଡ୍ଡ୍ୱୀ ୩ ନମ୍ବର୍, ପି.କେ ସିଦ୍ଧାର୍ଥ ରାମ୍କୁମାର୍ ୪ ନମ୍ବର୍ ଆର୍ ରୋହାନୀ ୫ ନମ୍ବର୍ ଠାନ୍ ପାଇଛନ୍ ।

ଇ ପରୀକ୍ଷାଥି ସାଧାରଣ ବର୍ଗର ୩ ଶହ ୪୭ , ଆର୍ଥିକ୍ ପଛୁଆ ବର୍ଗର ଶହେ ୧୫, ପଛୁଆ ବର୍ଗର ୩ ଶହ ୩, ଅନୁସୂଚିତ ଜାତିର ଶହେ ୬୫, ଅନୁସୂଚିତ ଜନଜାତିର ୮୬ ଝନ୍ ପରୀକ୍ଷାର୍ଥୀ ପାସ୍ କରିଛନ୍ ।

ଭୋଟର୍ ସଚେତନତା- ଝାର୍ସୁଗୁଡ଼ା ଝାର୍ସୁଗୁଡ଼ା

ସମ୍ବାଦଦାତା

ଆଏବା ସାଧାରଣ ନିର୍ବାଚନ୍‌ଥି ଝାର୍ସୁଗୁଡ଼ା ଜିଲ୍ଲା ନ ଶହେ ପ୍ରତିଶତ୍ ଭୋଟର୍ ଭୋଟ୍ ଦେବାର୍‌କେ ଜିଲ୍ଲା ପ୍ରଶାସନ୍ ତର୍‌ଫୁ ଲୁକ୍‌କୁ ସଚେତନ୍ କରାଯାଉଛେ । ଜିଲ୍ଲା ଖଣିଜ ପାଣ୍ଠି ସମ୍ମିଳନୀ କକ୍ଷ ନ ଜିଲ୍ଲା ପରିଷଦ୍ ମୁଖ୍ୟ ଉନ୍ନୟନ୍ ଅଧିକାରୀ ଆର୍ ନିର୍ବାହୀ ଅଧିକାରୀ ପ୍ରବୀର କୁମାର୍ ନାୟକଙ୍କର୍ ଅଧକ୍ଷତାଥି ହେଇଥିବା ବୈଠକ୍‌ଥି ଅତିରିକ୍ତ ଜିଲ୍ଲାପାଲ୍- ରାଜସ୍ୱ ଆଉ ସାଧାରଣ, ଗୋଷ୍ଠୀ ଉନ୍ନୟନ୍ ଅଧିକାରୀ ଆର୍ ଅଲ୍‌ଗା ଅଧିକାରୀମାନେ ଯୋଗ୍ ଦେଇଥିଲେ । ଜିଲ୍ଲାର୍ ଶିଳ୍ପାନୁଷ୍ଠାନ୍, ବେଙ୍କ୍ କର୍ମଚାରୀ ଆଉ କୋଠାବାଡ଼ି ତିଆର୍ କରୁଥିବା ଶ୍ରମିକ୍‌ମାନେ ଯେନ୍ତା ଆଏବା ମେ ମାସ ୨୦ ତାରିଖ୍ ହେବାର୍‌କେ ଥିବା ମତଦାନ୍‌ଥି ସାମିଲ୍ ହେବେ ସେ ଦିଗେ ସବୁପ୍ରକାର୍ ପଦକ୍ଷେପ୍ ନେବାର୍ ଲାଗି ବୈଠକ୍‌ଥି ନିଷ୍ପତି ନିଆଯାଇଛେ ।

ଭୋଟର୍ ସଚେତନତା- ବଲାଙ୍ଗିର୍ ହିନ୍ଦୁସ୍ଥାନ୍ ସମାଚାର୍

ଆଏବା ୨୦୨୪ ସାଧାରଣ ନିର୍ବାଚନ୍‌ଥି ବଲାଙ୍ଗିର୍‌ର ମତଦାନ୍ ହାର ବଢ଼ାବାର୍ ଲାଗି ଜିଲ୍ଲା ପ୍ରଶାସନ୍ ତର୍‌ଫୁ ଭିନ୍ ଭିନ୍ କାର୍ଯ୍ୟକ୍ରମ୍ ଆୟୋଜନ୍ କରାଯାଇଛେ । ମହିଲା ସ୍ୱୟଂ ସହାୟକ ଗୋଷ୍ଠୀ ମାଠିଆମାନ୍‌କେ ଟେରାକୋଟା ଡିଜାଇନ୍ କରିକରି ଭୋଟର୍‌ମାନ୍‌କୁ ଭୋଟ୍ ଦେବାର୍‌କେ ତହଁକଉଛନ୍ । ଜିଲ୍ଲାର୍ ସବୁ ମତଦାତା ଯେନ୍ତା ସୁବିଧାଥି ଆର୍ ନିଡର୍ ହେଇକରି ଭୋଟ୍ ଦେବେ ସେ ଦିଗେ ବ୍ୟବସ୍ଥା କରାଯାଉଛେ ବଲି ଜିଲ୍ଲା ଉନ୍ନୟନ୍ ଅଧିକାରୀ ଆଉ ଜିଲ୍ଲା ପରିଷଦ୍ ନିର୍ବାହୀ ଅଧିକାରୀ କହିଛନ୍ ।

ରେଳ ସୁରକ୍ଷା କର୍ମଚାରୀଙ୍କୁ ପୁରସ୍କାର୍    ସମ୍ବଲପୁର ସମ୍ବାଦଦାତା

ସମ୍ବଲ୍‌ପୁର୍ ରେଲ୍‌ମଣ୍ଡଲ୍ ପରିସର୍ ନ ଟ୍ରେନ୍‌ର ସୁରକ୍ଷା ଆର୍ ସୁରକ୍ଷିତ୍ ପରିଚାଲନାଥି ଭଲ୍ କାମ୍ କରିଥିବା କର୍ମଚାରୀମାନ୍‌କୁ ‘ରେଲ୍‌ବାଇ ନିରାପତା ପୁରସ୍କାର୍’ ଦିଆଯାଇଛେ । ସମ୍ବଲପୁର୍ ମଣ୍ଡଳ ରେଳପ୍ରବନ୍ଧକ ତୁଷାରକାନ୍ତ ପାଣ୍ଡେ କର୍ମଚାରୀମାନ୍‌କୁ ସାର୍ଟିଫିକେଟ୍ ଆଉ ନଗଦ୍ ପୁରସ୍କାର୍ ଦେଇଛନ୍ ।

ରାମ୍‌ନଅମୀ ପ୍ରସ୍ତୁତ ବୈଠକ୍        ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲା ନ ରାମନଅମୀ ଅବ୍‌ସରେ ଆଏବାକାଏଲ୍‌ନୁ ଶ୍ରୀରାମ୍‌ଲୀଲା ଯାତ୍ରା ମହୋତ୍ସବ୍ ମୁଲ୍ ହେବା । ଇଥିର୍‌ଲାଗି ଜିଲ୍ଲାପାଲ୍ ଜେ. ସୋନାଲ୍‌ଙ୍କର୍ ଅଧ୍ୟକ୍ଷତାଥି ଆଏଜ୍ ଶାନ୍ତିକମିଟି ବୈଠକ୍ ହେଇଯାଇଛେ । ବୈଠକ୍‌ଥି ଜିଲ୍ଲା ପ୍ରଶାସନ୍, ପୁଲିସ୍ ପ୍ରଶାସନ୍ ଆର୍ ଯାତ୍ରା କମିଟିର୍ କର୍ମକର୍ତା ମାନେ ଯୋଗ୍ ଦେଇଥିଲେ ବଲି ଆମର୍ ବୌଦ୍ଧ ସମ୍ବାଦଦାତା ଜନେଇଛନ୍ ।

ଅଶୋକାଷ୍ଟମୀ ଆର୍‌ଏନ୍‌ୟୁ / ସମ୍ବଲପୁର

ପବିତ୍ର ଅଶୋକଷ୍ଟମୀ ଅବ୍‌ସରେ ଭୁବନେଶ୍ୱର୍ ନ ପ୍ରଭୁ ଶ୍ରୀ ଶ୍ରୀ ଲିଙ୍ଗରାଜଙ୍କର୍ ରୁକୁଣା ରଥଯାତ୍ରା ହେଇଛେ । ପ୍ରଭୁ ଶ୍ରୀଲିଙ୍ଗରାଜ, ଦୋଳଗୋବିନ୍ଦ, ଆଉ ବହେନ୍ ରୁକୁଣୀଙ୍କୁ ସାଙ୍ଗେ ନେଇକରି ରାମେଶ୍ୱର୍ ମନ୍ଦିର୍ ଯାତ୍ରା କରିଛନ୍ । ମଏଧାନର୍ ସାଢ଼େ ୧୨ ବଜେ ପହଣ୍ଡି ନୀତି ହେଇଥିଲା । ତାର୍‌ଉତ୍‌ରୁ ରଥ୍‌ଘିଚା ମୁଲ୍ ହେଇଥିଲା ।

ଗଲାକାଏଲ୍ ରାତି ରଥଖଲା ନ ଥିବା ରଥର ପ୍ରତିଷ୍ଠା ବିଧି ଅନ୍‌ସାରେ ହେଇଥିଲା । ରଥ ପ୍ରତିଷ୍ଠା ଲାଗି ମରୀଚିକୁଣ୍ଡନୁ ୨ ଗଡୁ ପାଏନ୍ ରଥଖଲାକେ ଅନାଯାଇଥିଲା । ରଥଖଲା ପରିସର

ନ ଥିବା ବେଦୀଥି ପୁରୀ ମହାରାଜାଙ୍କର୍ ନିର୍ଦ୍ଦେଶ୍‌ଥି ଆସିଥିବା ପୁରୀ ରାଜଗୁରୁ ଆଉ ମନ୍ଦିର୍ ପୁରୋହିତ ମନୋରଞ୍ଜନ୍ ଦାସ୍‌ଙ୍କର୍ ସହେତେ କ୍ଷେତ୍ରବାସୀ ବ୍ରାହ୍ମଣ ନିଯୋଗର ୧୮ ଝନ୍ ସେବାୟତ ରଥ ପ୍ରତିଷ୍ଠା କାମ୍ କରିଥିଲେ ।

ରବି ଧାନ୍ ଘିନା- ବର୍‌ଗଡ୍                    ବର୍‌ଗଡ୍ ସମ୍ବାଦଦାତା

ବର୍‌ଗଡ୍ ଜିଲ୍ଲା ନ ଆଏବା ମେ ମାସର୍ ୧୦ ତାରିଖ୍‌ନୁ ରବି ଧାନ୍ ଘିନା ମୁଲ୍ ହେବା । ଇ ବାବ୍‌ଦେ ଜିଲ୍ଲାପାଲ୍ ଆଦିତ୍ୟ ଗୋୟେଲ୍‌ଙ୍କର୍ ଅଧ୍ୟକ୍ଷତାଥି ଡିଆରଡିଏ ସଭାକୁଠି ନ ଆଏଜ୍ ଜିଲ୍ଲାସ୍ତରୀୟ ଧାନ୍ ଘିନା କମିଟିର୍ ବୈଠକ୍ ହେଇଯାଇଛେ । ଜିଲ୍ଲାର୍ ୧୨ ଟା ବ୍ଲକ୍ ଆର୍ ବର୍‌ଗଡ୍, ଅତାବିରା ଆର୍ ପଦମ୍‌ପୁର୍ **RMC** ର ମୋଟ୍ ଶହେ ୯୭ ଟା ମଣ୍ଡି ନ ୫୨ ଟା ପେକ୍ସ, ୫୦ ଟା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଆର୍ ଶହେ ୧୨ ଟା ମିଲର୍ ମାନ୍‌କର୍ ଜରିଏ ଧାନ୍ ସଂଗ୍ରହ କର୍‌ବାର୍ ବ୍ୟବସ୍ଥା କରାଯାଇଛେ ବଲି ଜିଲ୍ଲା ଯୋଗାଣ ଅଧିକାରୀ ସୂଚନା ଦେଇଛନ୍ । ବୈଠକ୍‌ଥି ଏସ୍.ପି. ପ୍ରହଲ୍ଲାଦ୍ ସହାୟ ମୀନାଙ୍କର୍ ସହେତେ ଅତିରିକ୍ତ ଜିଲ୍ଲାପାଲ୍ ଆର୍ ଭିନ୍ ଭିନ୍ ଅଧିକାରୀମାନେ ଯୋଗ୍ ଦେଇଥିଲେ ।

ତାରାତାରିଣୀ ପୀଠ- ଗଞ୍ଜାମ       ଆର୍‌ଏନ୍‌ୟୁ/ କଟକ୍

ଗଞ୍ଜାମ୍ ଜିଲ୍ଲା ପୁରୁଷୋତମପୁର ପାଖର୍ ରତ୍ନଗିରି ପାହାଡ଼୍ ନ ଥିବା ମା ତାରାତାରିଣୀ ଆଏଜ୍ ୪ ନମ୍ବର୍ ପାଲି ଚୈତ୍ ମଙ୍ଗଲ୍‌ବାର୍‌ଥି ମା ଦୁର୍ଗା ବେଶେ ଭକ୍ତମାନ୍‌କୁ ଦର୍ଶନ୍ ଦେଇଛନ୍ । ଅଧ୍‌ରାତି ପାଖାପାଖି ଦେଢ଼୍ ବଜେ ମନ୍ଦିର୍‌ର ଦୁଆରଫିଟା ନୀତି ଅନ୍‌ସାରେ ମଙ୍ଗଲ୍ ଆଲ୍‌ତୀ, ଅବକାଶ, ମାଜଣା, ସିଙ୍ଗାର, ଅଭିଷେକ, ବାଲ୍‌ଭୋଗ ନୀତି ସର୍‌ବାର୍ ଉତ୍‌ରୁ ମା ତାରାତାରିଣୀଙ୍କୁ ଦୁର୍ଗା ବେଶଥି ସଜା ଯାଇଥିଲା । ସଖାଲର୍ ସାଢ଼େ ୪ ବଜେ ସାହାଣମେଳା ଉତ୍‌ରୁ ଲକ୍ଷାଧିକ ଭକ୍ତ ଆର୍ ମାନସିକଧାରୀ ମା’ଙ୍କୁ ଦର୍ଶନ୍ କରିଥିଲେ ।

ପାଣିପାଗ       ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ଗ୍ରୀଷ୍ମପ୍ରବାହ ଜାରି ରହିଛେ । ଜବର୍ ଗରମ୍ ସାଙ୍ଗେ ଗୁଲ୍‌ଗୁଲି ଲାଗି ଲୁକେ ଡହକବିକଲ୍ ହେଉଛନ୍ । ଆଏବା ୫ ଦିନ୍‌ତକ୍ ରାଏଜେ ଏନ୍ତା ଖରାର୍ ତାତି ଜାରି ରହେବା ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ସତର୍କ କରାଯାଇଛେ । ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍

କେନ୍ଦ୍ରର ବୈଜ୍ଞାନିକ ଉମାଶଙ୍କର୍ ଦାସ କହିଛନ୍ ଯେ, ଏଛେନ୍ ରାଜ୍ୟକେ ଉତର୍ ପଶ୍ଚିମ ଦିଗ୍ ଆର୍ ପଶ୍ଚିମ ଦିଗୁ ଶୁଖା ପବନ୍ ବୁହୁଛେ । ଇତାର୍ ପ୍ରଭାବ୍‌ଥି ଆଏବା ୩ ଦିନ୍ ଭିତ୍‌ରେ ଦିନର୍ ତାପମାତ୍ରା ୨ ନୁ ୪ ଡିଗ୍ରୀ ତକ୍ ବଢ଼୍‌ବାର୍ ସମ୍ଭାବନା ରହିଛେ । ଖାସ୍ କରି ୧୮ ଆର୍ ୧୯ ତାରିଖ୍ ଦିନ ଖରା ଜବର୍ ହେବା ଆଉ କେତେଟା ଜିଲ୍ଲା ନ ତାତି ୪୩ ନୁ ୪୫ ଡିଗ୍ରୀତକ୍ ରହିପାରେ ବଲି ସେ କହିଛନ୍ ।

ସେଆଡ଼େ ଆଏଜ୍ ରାଜ୍ୟର୍ ୫ ଟା ଜାଗା ନ ଦିନର୍ ଜହ ତାତି ୪୨ ଡିଗ୍ରୀ ଉପ୍‌ରେ ରହିଥିଲା । ବାରିପଦା ନ ଦିନର୍ ସବୁନୁ ଜହ ତାତି ୪୩ ଦଶ୍‌ମିକ୍ ୬ ଡିଗ୍ରୀ ସେଲ୍‌ସିଅସ୍ ରେକର୍ଡ଼ କରାଯାଇଛେ । ବର୍‌ଗଡ଼୍ ଆର୍ ଦେବ୍‌ଗଡ଼୍‌କେ ଛାଡ଼ିକରି ପଶ୍ଚିମ ଓଡ଼ିଶାର୍ ସବୁ ଜାଗାର୍ ତାତି ୪୦ ଡିଗ୍ରୀ ସେଲ୍‌ସିଅସ୍‌ନୁ ଜହ ଥିଲା ।